ଇଏମ୍‌ଆଇ ଅଫର୍, ବାଲାନ୍‌ସ ଟ୍ରାନ୍‌ସଫର୍ ଓ କାର୍ଡ ସମକ୍ଷରେ ଋଣ ପାଇଁ
ସର୍ତ୍ତ ଓ ନିୟମାବଳୀ

1. ସୁବିଧା ଜାରି କରାଯିବା ସମୟରେ ରାଶି, ସୁଧହାର, ଅବଧି, ପ୍ରୋସେସିଙ୍ଗ ଫୀ ଓ ପ୍ରି-କ୍ଲୋଜର୍ ଚାର୍ଜ ଆପଣଙ୍କୁ ବତାଇ ଦିଆଯିବ ।

2. କୌଣସି ବାଲାନ୍‌ସ ଟ୍ରାନ୍‌ସଫର୍ ଅଫର୍ ବା କ୍ରେଡିଟ୍ କାର୍ଡ ସମକ୍ଷରେ ଋଣ ସହିତ ଇଏମ୍‌ଆଇ ସୁବିଧା ଆସିପାରେ ବା ନ ଆସିପାରେ ।

3. ଏସବୁ ସୁବିଧା ପାଇଁ ଗୋଟିଏ ଅଲଗା ଲୋନ୍ ଏକାଉଣ୍ଟ ସ୍ଥାପନ କରାଯିବ । ଏକାଉଣ୍ଟ ନମ୍ବର ଆପଣଙ୍କ କାର୍ଡ ଷ୍ଟେଟ୍‌ମେଣ୍ଟରେ ଦିଶିବ ଏବଂ ଆପଣଙ୍କ ପ୍ରତ୍ୟେକ ଏକାଉଣ୍ଟ ପାଇଁ ଅଲଗା ଅଲଗା ପେମେଣ୍ଟ କରିବାକୁ ଅନୁରୋଧ । ଯଦି ଆପଣ ଏକାଧିକ କାର୍ଡ ଏକାଉଣ୍ଟ'ର ବକେୟା ରାଶି ସକାଶେ ପେମେଣ୍ଟ ଗୋଟିଏ ଚେକ୍/ଡିଡି ଦ୍ୱାରା କରୁଥିବେ, ତେବେ ତାକୁ ଆପଣଙ୍କର କୌଣସି ଗୋଟିଏ ଏକାଉଣ୍ଟ ନମ୍ବର ନାମରେ କାଟିବାକୁ ହେବ, ଏବଂ ଚେକ୍/ଡିଡି ପଛପଟେ ପେମେଣ୍ଟ ଆବଣ୍ଟନ ବିଷୟକ ସ୍ପଷ୍ଟ ନିର୍ଦ୍ଦେଶ ଲେଖାଯାଇଥିବ ।

4. ନିର୍ଦ୍ଦିଷ୍ଟ ଭାବରେ ବତାଯାଇ ନଥିଲେ, ଆପଣଙ୍କ କ୍ରେଡିଟ୍ କାର୍ଡ ସମକ୍ଷରେ ଅନୁମୋଦିତ ଋଣ ରାଶି ଆପଣଙ୍କ କ୍ରେଡିଟ୍ କାର୍ଡ ଲିମିଟ୍'ର ଅଂଶ ହେବ । ଏଭଳି ସ୍ଥିତିରେ, କ୍ରେଡିଟ୍ କାର୍ଡ ସମକ୍ଷରେ ନିଆଯାଇଥିବା ଋଣ'ର ବକେୟା ମୂଳ ରାଶି ପର୍ଯ୍ୟନ୍ତ ଆପଣଙ୍କ କ୍ରେଡିଟ୍ କାର୍ଡ ଲିମିଟ୍ ବ୍ଲକ୍ କରାଯିବ । ନିଜ ମାସିକ ଇଏମ୍‌ଆଇ/ପ୍ରଯୋଜ୍ୟ ରାଶି ଆପଣ ପରିଶୋଧ କଲେ, ପେଡ୍ ଅଫ୍ ହେବା ମୂଳ ରାଶି ଅନୁସାରେ ଆପଣଙ୍କ ଉପଲବ୍ଧ କ୍ରେଡିଟ୍ ଲିମିଟ୍ ବଢ଼ିଯିବ ।

5. ଆପଣଙ୍କ ମାସିକ ଷ୍ଟେଟ୍‌ମେଣ୍ଟରେ ଦର୍ଶାଯିବା "ଆଭଏଲେବଲ୍ କ୍ରେଡିଟ୍ ଲିମିଟ୍" ଅନ୍ତର୍ଗତ ବାଲାନ୍‌ସ ଟ୍ରାନ୍‌ସଫର୍, ଆଡ୍‌ଭାନ୍‌ସ ଓ ଆପଣଙ୍କ ଇଏମ୍‌ଆଇ ଲୋନ୍ ଏକାଉଣ୍ଟ'ର କୌଣସି ଅନ୍‌ପେଡ୍ ପ୍ରିନ୍‌ସିପଲ୍ ଏମାଉଣ୍ଟ ସମ୍ପୃକ୍ତ ସମସ୍ତ ବକେୟା ହିସାବ ହୋଇଥିବ ।

6. ଇଏମ୍‌ଆଇ ଏକାଉଣ୍ଟ ପାଇଁ, ତଳେ ଗୋଟିଏ ଷ୍ଟେଟ୍‌ମେଣ୍ଟ'ର ନମୁନା ଦେଖନ୍ତୁ, ଯେଉଁଥିରୁ ଇଏମ୍‌ଆଇ ଏକାଉଣ୍ଟ ପାଇଁ ଆମର ବିଲିଙ୍ଗ୍ ସାଷ୍ଟମ୍ ବୁଝିବା ଆପଣଙ୍କୁ ସରଳ ହେବ ।



7. ପ୍ରତ୍ୟେକ ମାସରେ ଦେୟ ହେବା ଆପଣଙ୍କ ମିନିମମ୍ ଏମାଉଣ୍ଟ ଡ୍ୟୁ ସହିତ ଇଏମ୍ଆଇ ମିଶାଯିବ, ଏବଂ ଉଲ୍ଲିଖିତ ପେମେଣ୍ଟ ଡ୍ୟୁ ଡେଟ୍‌ରେ ମିନିମମ୍ ଏମାଉଣ୍ଟ ଡ୍ୟୁ ପୁରା ଭରା ନଗଲେ ପେନାଲ୍ ଚାର୍ଜ ଲାଗୁ ହେବ। ଇଏମ୍ଆଇ ଓ ତେଣୁକରି ମିନିମମ୍ ଏମାଉଣ୍ଟ ଡ୍ୟୁ ଆପଣଙ୍କ କ୍ରେଡିଟ୍ କାର୍ଡ ଲିମିଟ'ର ଅଂଶ ହେବ। ବକେୟା ରାଶି (ଇଏମ୍ଆଇ ସମେତ) କ୍ରେଡିଟ୍ ଲିମିଟ୍‌କୁ ଟପିଗଲେ, ଆପଣଙ୍କୁ ପ୍ରଯୋଜ୍ୟ ଓଭର୍ ଲିମିଟ୍ ଚାର୍ଜ ଦେବାକୁ ହେବ।

8. ଏସବୁ ସ୍ପେଶାଲ୍ ପ୍ରମୋଶନାଲ୍ ଅଫର୍ କେବଳ ବଛା ବଛା କାର୍ଡ ମେମ୍ବରଙ୍କ ପାଇଁ ଉଦ୍ଦିଷ୍ଟ । ସେଭଳି କାର୍ଡ ମେମ୍ବର କେବଳ ଷ୍ଟାଣ୍ଡାର୍ଡ ଚାର୍ଟର୍ଡ ବ୍ୟାଙ୍କ (ଦି ବ୍ୟାଙ୍କ)ର ବିବେଚନା ଉପରେ ନିର୍ଭର କରି ବଛାଯାଆନ୍ତି । ନିଜସ୍ୱ ବିବେଚନା ଉପରେ ନିର୍ଭର କରି ବ୍ୟାଙ୍କ ଭବିଷ୍ୟତରେ ଏଭଳି ଅଫର୍ ଆଣିପାରେ ବା ନ ଆଣିପାରେ।

9. ଋଣ ରାଶି, ଲାଗୁ ହେବା ସୁଧ, ପ୍ରୋସେସିଙ୍ଗ ଫୀ ଓ ସର୍ଭିସ୍ ଟ୍ୟାକ୍ସ (ଇଏମ୍ଆଇ'ର ସୁଧ କମ୍ପୋନେଣ୍ଟ ଉପରେ) ଆପଣଙ୍କ ମାସିକ କ୍ରେଡିଟ୍ କାର୍ଡ ଷ୍ଟେଟ୍‌ମେଣ୍ଟରେ ବିଲ୍ କରାଯିବ।

10. ବ୍ୟାଙ୍କ କେବେବି ସମସ୍ତ ବା ଯେକୌଣସି ସର୍ତ୍ତ ଓ ନିୟମାବଳୀରେ ଯୋଡ଼ିବାର, ବଦଳାଇବାର, ସୁଧାରିବାର, ପରିବର୍ତ୍ତନ କରିବାର ବା ଅଦଳ ବଦଳ କରିବାର, କିମ୍ବା ଏହି ସ୍କିମ୍ ସମାନ ଅନ୍ୟ ଏକ ସ୍କିମ୍ ଦ୍ୱାରା ଏହି ସ୍କିମ୍‌କୁ ଆଂଶିକ ବା ପୂର୍ଣ୍ଣତଃ ବଦଳାଇବାର, ଅଥବା ଏହାକୁ ପୂରାପୂରି କାଢ଼ି ନେବାର ଅଧିକାର ରଖୁଛି।

11. ପୂର୍ବର ପେମେଣ୍ଟ ଓଭର୍‌ଡ୍ୟୁ ହୋଇଥିଲେ ଏବଂ କାର୍ଡ କ୍ୟାନ୍‌ସଲ୍ ହେବା ସ୍ଥିତିରେ, ଷ୍ଟାଣ୍ଡାର୍ଡ ଚାର୍ଟର୍ଡ ବ୍ୟାଙ୍କ ଲୋନ୍ ଆଗତୁରା ବନ୍ଦ କରିବାର ଓ ପୂରା ବକେୟା ରାଶି ଡେବିଟ୍ କରିବାର ଅଧିକାର ରଖୁଛି ।

12. ଭାଗଗ୍ରହଣକାରୀ ଏହି ସ୍କିମ୍ ଯୋଗେ କୌଣସି ଆକ୍ସନ୍, କ୍ଲେମ୍, ଡିମାଣ୍ଡ, ଲସ୍, ଡ୍ୟାମେଜ୍, କଷ୍ଟ, ଚାର୍ଜ ଭୋଗିଲେ, ପାଇଲେ ବା ସହିଲେ, ସିଏ ଷ୍ଟାଣ୍ଡାର୍ଡ ଚାର୍ଟର୍ଡ ବ୍ୟାଙ୍କକୁ ଦାୟୀ ବା ଉତ୍ତରଦାୟୀ କରିବେ ନାହିଁ ।

13. ସମସ୍ତ ଇନ୍‌ଷ୍ଟଲ୍‌ମେଣ୍ଟ ଚାର୍ଜ କରାଯିବା ଆଗରୁ ଆପଣଙ୍କ ଷ୍ଟାଣ୍ଡାର୍ଡ ଚାର୍ଟର୍ଡ ବ୍ୟାଙ୍କ କ୍ରେଡିଟ୍ କାର୍ଡ ବନ୍ଦ ହେଲେ ବା ଆପଣଙ୍କ ଇଏମ୍ଆଇ ଏକାଉଣ୍ଟ ଆଗତୁରା ବନ୍ଦ କରାଗଲେ, ବକେୟା ଋଣ ରାଶି ସାଙ୍ଗକୁ ପ୍ରି-କ୍ଲୋଜର୍ ଚାର୍ଜ ଏକାଠି ଆପଣଙ୍କ କ୍ରେଡିଟ୍ କାର୍ଡକୁ ଡେବିଟ୍ କରାଯିବ । ତା' ପରଠୁ, ଏହାକୁ ଆପଣଙ୍କ କାର୍ଡ ଏକାଉଣ୍ଟରେ ବକେୟା ରୂପେ ଗଣାଯିବ ଓ ତା' ସମକ୍ଷରେ ଆଂଶିକ/କୌଣସି ପେମେଣ୍ଟ ଭରା ନଗଲେ ଫାଇନାନ୍‌ସିଅଲ୍ ଚାର୍ଜ (କ୍ରେଡିଟ୍ କାର୍ଡ ସମ୍ପୃକ୍ତ ଟି ଆଣ୍ଡ ସି ଅନୁଯାୟୀ) ଲଗାଯିବ।

14. ଏଠାରେ ଏଭଳି କିଛି ନାହିଁ, ଯାହା କାର୍ଡ ମେମ୍ବର ଚୁକ୍ତି'ର ସର୍ତ୍ତ ଓ ନିୟମାବଳୀ ପ୍ରତି ପକ୍ଷପାତ ବା ତାକୁ ପ୍ରଭାବିତ କରିବ। ଏହି ଚୁକ୍ତିର ସର୍ତ୍ତସବୁ ବ୍ୟାଙ୍କ'ର କାର୍ଡ ମେମ୍ବର ରୁଲ୍‌ସ ଆଣ୍ଡ ରେଗୁଲେଶନ୍‌ସ ରେ ଥିବା ସର୍ତ୍ତ ଉପରାନ୍ତେ ଦିଆଯାଇଛି, ପରିବର୍ତ୍ତେ ନୁହେଁ ।

15. ଋଣ ବିବରଣୀ, ସୁଧ ହାର, ଲାଗୁହେବା ଚାର୍ଜ, ବା ସର୍ତ୍ତ ଓ ନିୟମାବଳୀ ସହିତ ଆପଣ ରାଜି ହେଉନଥିଲେ, ଆପଣ ବ୍ୟାଙ୍କ'ର ହେଲ୍‌ପ ଲାଇନ୍ କୁ ଫୋନ କରିବେ ଓ 15 ଦିନ ଭିତରେ ଋଣ କ୍ୟାନ୍‌ସଲ୍ କରିବେ, ଅନ୍ୟଥା ଆପଣ ଋଣ ଓ ଏଠାରେ ଉଲ୍ଲିଖିତ ସର୍ତ୍ତ ଓ ନିୟମାବଳୀ ସ୍ୱୀକାର କରିଛନ୍ତି ବୋଲି ଗଣାଯିବ ତଥା ଡିମାଣ୍ଡ ଡ୍ରାଫ୍ଟ ଦିନାଙ୍କ ଠାରୁ ବିତରଣ କରାଯାଇଥିବା ରାଶି ଉପରେ ସୁଧ ଭରିବାକୁ ଦାୟୀ ହେବେ।

16. ତେଣିକି ଭଲ୍ୟୁଣ୍ଟାରୀ କ୍ୟାନ୍‌ସଲେଶନ୍ ଗୃହିତ ହେବ ନାହିଁ ।

17. ଆପଣଙ୍କ ଇଏମ୍ଆଇ ଏକାଉଣ୍ଟ ଆଗତୁରା ବନ୍ଦ କରିବାକୁ, ହେଲ୍‌ପ ଲାଇନ୍ ନମ୍ବରକୁ ଫୋନ କରିବାକୁ ଅନୁରୋଧ।